# Akashvani, Sambalpur

## SAMBALPURI NEWS BULLETIN

### 17 January 2026 – 6.47- 6.52 am.

**************************************************

ମୁଖ୍ୟମନ୍ତ୍ରୀ-ପଶ୍ଚିମବଙ୍ଗ ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କୋଲ୍‌କାତା ନ ଚାଲିଥିବା ନିବେଶକ୍ ସମ୍ମିଳନୀର୍ ୨ ନମ୍ବର୍ ଦିନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ପ୍ରତିନିଧି ଆଉ ନିବେଶକ୍‌ମାନ୍‌କୁ ଉଦ୍‌ବୋଧନ୍ ଦେବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶ୍ ବିଦେଶ୍‌ର ଶିଳ୍ପପତି ଆଉ ନିବେଶକ୍ ମାନ୍‌କର୍ ସାଙ୍ଗେ ଝନ୍‌ଝନ୍‌କରି ଆଲୋଚନା କରିକରି ରାଏଜେ ପୁଞ୍ଜିନିବେଶ୍ ଲାଗି ଆହ୍ୱାନ୍ ଦେବେ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଶିଳ୍ପପତିମାନ୍‌କର୍ ସାଙ୍ଗେ ୩ ଟା ରାଉଣ୍ଡ୍ ଟେବୁଲ୍ ବୈଠକ୍ ହେଇଥିଲା ।

ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ମହିଳା ଆଉ ଶିଶୁବିକାଶ୍ ବିଭାଗ୍‌ର ବହୁମୁଖୀ କଲ୍ୟାଣ୍‌କାରୀ ଅଭିଯାନ୍‌ମାନ୍‌କର୍ ଶୁଭାରମ୍ଭ

କର୍‌ବେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୧୦ ଟା ଆକାଂକ୍ଷୀ ଜିଲ୍ଲା ନ ସଚେତନତା ନ୍ୟାୟ ଆଉ ସମାଧାନ୍‌ର ବିକଳ୍ପ ମଂଚ ନାରୀ ଅଦାଲତ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ଖୋର୍ଦ୍ଧା ଆଉ ଗଜପତି ଜିଲ୍ଲା ନ ସମନ୍ୱିତ ବାତ୍ସଲ୍ୟ ସଦନ୍‌ର ଆଭାସୀ ଜରିଏ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଇତାର୍‌ସହେତେ ଜାତୀୟ ଶିଶୁକନ୍ୟା ସପ୍ତାହ ଶୁଭାରମ୍ଭ ଆଉ ପାଲ୍‌ନା ଯୋଜ୍‌ନାର୍ ମାର୍ଗଦର୍ଶିକାର୍ ଉନ୍ମୋଚନ୍ କର୍‌ବେ । ଇ ଅବ୍‌ସରେ ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଉପସ୍ଥିତ୍ ରହେବେ ।

ଜାତୀୟ ଶିକ୍ଷାନୀତି- ଧର୍ମେନ୍ଦ୍ର ପ୍ରଧାନ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଶିକ୍ଷାବଛର୍‌ନୁ ୧ ନୁ ୮ ଶ୍ରେଣୀତକ୍ ନୂଆଁ ପାଠ୍‌ପଢ଼ା ବହି ପ୍ରଚଲନ୍ କରାଯିବା । ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ୍ ଢାଂଚା ଉପ୍‌ରେ ଇ ବହି ଆଧାରିତ୍ ହେବା । ରାଜ୍ୟର୍ ଲାଖେ ୬୭ ହଜାର୍ ଶିକ୍ଷକ୍‌ମାନ୍‌କୁ ନୂଆଁ ପାଠ୍ୟକ୍ରମ୍ ଲାଗି ତାଲିମ୍ ଦିଆଯିବା । ୫ ଶ୍ରେଣୀତକ୍ ମାତୃଭାଷାଥି ଶିକ୍ଷାଦାନ୍‌କେ ଆହୁରି ବର୍‌କସ୍ କରାଯିବା । ୬ ନୁ ୧୦ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନେ ୧୦ ଦିନ୍ ବିନା ବେଗ୍‌ଥି ସ୍କୁଲ୍ ଯିବେ । ଇତାର୍ ଜରିଏ ସେମାନେ ବ୍ୟବହାରିକ୍ ଜ୍ଞାନ ଆଉ ସମାଲୋଚନା ଭିତିକ ଚିନ୍ତାଧାରା ଶିଖିପାର୍‌ବେ । ଜନ୍‌ମ୍ ନୁ ୧୨ ଶ୍ରେଣୀତକ୍ ଛୁଆମାନ୍‌କର୍ ପୋଷଣ ଆଉ

ସ୍ୱାସ୍ଥ୍ୟକେ ଗୁରୁତ୍ୱ ଦିଆଯିବା ବଲି ଗଲାକାଏଲ୍ ରାଜ୍ୟ ଶିକ୍ଷା ବିଭାଗ୍ର ଜାତୀୟ ଶିକ୍ଷାନୀତି ପାଠ୍ୟକ୍ରମ୍ର ପ୍ରସ୍ତୁତିର୍ ସମୀକ୍ଷା କରିକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ।

ଓଡ଼ିଆ ଭାଷା ପ୍ରତିଷ୍ଠାନ-ଓଡ଼ିଆ ଭାଷା ତାଲିମ୍

ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଆ ଭାଷା ପ୍ରତିଷ୍ଠାନ୍ ତର୍ଫୁ ଡିଜିଟାଲ୍ ପ୍ଲାଟ୍ଫର୍ମଥି ଓଡ଼ିଆ ଭାଷାର୍ ତାଲିମ୍ ଦିଆଯିବା । ଇଥିର୍ଲାଗି ପ୍ରତିଷ୍ଠାନ୍ ତର୍ଫୁ ଖୋବ୍ ଜଲ୍ଦି ତାର୍ ୱେବ୍ସାଇଟ୍ ଆଉ ୟୁଟ୍ୟୁବ୍ ଚେନାଲ୍ର ଶୁଭାରମ୍ଭ କରାଯିବା । ଇ ପଦକ୍ଷେପ୍ ଜରିଏ ସର୍କାରୀ କର୍ମଚାରୀମାନେ ଓଡ଼ିଆ ଭାଷା ତାଲିମ୍ ସହଜ୍ ଆଉ ସରଲ ହିସାବେ ପାଇପାର୍ବେ । ଭୁବ୍ନେଶ୍ୱର୍ ସଂସ୍କୃତି ଭବନ୍ ନ ଗଲାକାଏଲ୍ ସର୍କାରୀ କାମ୍କାଜ୍ଥି ଓଡ଼ିଆ ଭାଷା ବେଭାର୍ ତାଲିମ୍ ଶିବିର୍କେ ଉଦ୍ଘାଟନ୍ କରିକରି ପ୍ରତିଷ୍ଠାନ୍ର ନିର୍ଦ୍ଦେଶକ ଦେବପ୍ରସାଦ୍ ଦାସ ଇ ସୂଚ୍ନା ଦେଇଛନ୍ । ୨ ଦିନିଆ ଶିବିର୍ଥି ରାଜ୍ୟ ସର୍କାର୍ଙ୍କର୍ ୨୨ ଟା ବିଭାଗ୍ର ୨ ଶହ ୨୦ ଝନ୍ କର୍ମଚାରୀ ତାଲିମ୍ ନଉଛନ୍ ।

ଶ୍ରୀମନ୍ଦିର୍ର ପରିଚାଲନା କମିଟି ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ପରିଚାଳନା କମିଟିର୍ ଜରୁରୀ ବୈଠକ୍ ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ହେବା । ଗଜପତି ମହାରାଜ୍‌ଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଇ ବୈଠକ୍‌ଥି ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତି ବାବ୍‌ଦେ ଆଲୋଚନା କରାଯିବା । ଗଲା ବୈଠକ୍‌ଥି ଅଲଙ୍କାର୍ ଗନ୍‌ତି ଲାଗି ହେଇଥିବା ଚିଠା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦନ୍ ଲାଗି ପଠାଯିବା । ଶ୍ରୀମନ୍ଦିର୍‌ର ସୁରକ୍ଷା ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା କରାଯିବା ବଲି ଜନାପଡ଼ିଛେ ।

ପଂଚାୟତିରାଜ୍ ମନ୍ତ୍ରୀ- କୁଚିଣ୍ଡା ଆର୍‌ଏନ୍‌ୟୁ/ ସମ୍ବଲପୁର

ପଂଚାୟତିରାଜ୍ ଆଉ ଗ୍ରାମ୍ୟଉନ୍ନୟନ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାକାଏଲ୍ କୁଚିଣ୍ଡା ଉପଖଣ୍ଡ ନ ୪ ହଜାର୍ ୩ ଶହ ୪୬ କୋଟି ଟଙ୍କାର୍ ୬ ଟା ଉନ୍ନୟନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଲୋକାର୍ପଣ୍ କରିଛନ୍ । ଜମନ୍‌କିରା ବ୍ଲକ୍ ଭୋଜ୍‌ପୁର୍ ଠାନେ ପୂର୍ତ ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ୩ ହଜାର୍ ୬ ଶହ ୬୬ କୋଟି ଟଙ୍କାର୍ ୫ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରାଯାଇଛେ । ଆଉ ୬ ଶହ ୮୦ କୋଟି ଟଙ୍କାର୍ ଗୁଟେ ପ୍ରକଳ୍ପର୍ ଲୋକାର୍ପଣ୍ କରାଯାଇଛେ ।

ଓଡ଼ିଆ ଏକକ ଭାଷା ପରୀକ୍ଷାର୍ ଫଳ     କଟକ୍ ସମ୍ବାଦଦାତା

୧୦ ଶ୍ରେଣୀ ସ୍ତରର୍ ଓଡ଼ିଆ ଏକକ ଭାଷା ପରୀକ୍ଷାର୍ ଫଲ୍ ଆଏଜ୍ ବାହାର୍‌ବା । ଇତାର୍‌ସହେତେ ଆଏଜ୍ ଉପର୍‌ବେଲା ୪ ବଜେନୁ ପରୀକ୍ଷା ଫଲ୍‌ର ଡିଜିଟାଲ୍ ପ୍ରମାଣ୍‌ପତ୍ର ମାଧ୍ୟମିକ ଶିକ୍ଷା ପରିଷଦ୍ ୱେବ୍‌ସାଇଟ୍‌ଥି ମିଲିପାର୍‌ବା । ଇ ବାବ୍‌ଦେ ପରିଷଦ୍ ତର୍‌ଫୁ ଗଲାକାଏଲ୍ ସୂଚ୍‌ନା ଦିଆୟାଇଛେ । ସୂଚ୍‌ନା ଅନ୍‌ସାରେ ୨୦୨୫ ମସିହାଥି ୧୦ ଶ୍ରେଣୀ ସ୍ତରର୍ ୨ ନମ୍ବର୍ ଦଫା ଏକକ ଓଡ଼ିଆ ଭାଷା ପରୀକ୍ଷା ଆଉ ୮ ଶ୍ରେଣୀ ସ୍ତରର୍ ୨ ନମ୍ବର୍ ଷାଣ୍ମାସିକ ଓଡ଼ିଆ ଭାଷା ପରୀକ୍ଷା କିଛି ଦିନ୍ ଆଘୋନୁ ହେଇଥିଲା । ଇତାର୍ ଭିଲ୍ ଫଲ ଆଏଜ୍ ବାହାର୍‌ବା ।

ପ୍ରବାସୀ ଶ୍ରମିକ ଉଦ୍ଧାର୍         ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ୧୦ ଝନ୍ ପ୍ରବାସୀ ଶ୍ରମିକଙ୍କୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ କର୍ଣ୍ଣାଟକ୍‌ର ଗୁଟେ ଇଟାଭାଟିନୁ ଉଦ୍ଧାର୍ କରାୟାଇଛେ । ଶ୍ରମିକ୍‌ମାନେ ନିର୍ଯ୍ୟାତନାର୍ ଶିକାର୍ ହଉଥିବାର୍ ଖବର୍ ପାଏବାର୍ ଉତ୍‌ରୁ ସେମାନ୍‌କର୍ ଉଦ୍ଧାର୍ ଲାଗି ଅଭିଯାନ୍ ମୁଲ୍

ହେଇଥିଲା । ଶ୍ରମିକ୍‌ମାନେ ଓଡ଼ିଶା ଆସ୍‌ବାର୍ ଉତ୍‌ରୁ ଗଲାକାଏଲ୍ ଜିଲ୍ଲା ପ୍ରଶାସନ୍‌କେ ସେମାନ୍‌କୁ ହସ୍ତାନ୍ତର୍ କରାଯାଇଥିଲା ।

ନୂଆପଡ଼ା - ତୀର୍ଥଯାତ୍ରୀ        ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ବରିଷ୍ଠ ତୀର୍ଥଯାତ୍ରା ଯୋଜ୍‌ନାଥି ନୂଆପଡ଼ା ଜିଲ୍ଲାନୁ ୭୩ ଝନ୍ ବରିଷ୍ଠ ନାଗରିକ ଅଯୋଧ୍ୟା ବାରାଣାସୀକେ ଯାତ୍ରା କରିଛନ୍ । ନୂଆପଡ଼ା ପର୍ଯ୍ୟଟନ୍ କାର୍ଯ୍ୟାଳୟ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯାତ୍ରା ଲାଗି ବିଦାୟ ଦେଇଥିଲେ । ଇ ତୀର୍ଥଯାତ୍ରୀମାନେ ଆଏଜ୍ ରାୟଗଡ଼ା ରେଲ୍‌ଷ୍ଟେସନ୍‌ନୁ ଅଯୋଧ୍ୟା ବାରାଣାସୀକେ ଯିବେ ।

ଚିଲିକା-ପକ୍ଷୀ ଗନ୍‌ତି        ଆର୍‌ଏନ୍‌ୟୁ/ ସମ୍ବଲପୁର

ଚିଲିକା ନ ଆଏବା କାଏଲ୍‌ଠାନୁ ପକ୍ଷୀ ଗନ୍‌ତି ମୁଲ୍ ହେବା । ୨୦ ତାରିଖ୍‌ନୁ ଡଲ୍‌ଫିନ୍ ଗନ୍‌ତି କରାଯିବା ବଲି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ୍ ନାଏକ୍ କହିଛନ୍ । ଶ୍ରୀ ନାଏକ୍ କହିଛନ୍, ପକ୍ଷୀ ଗନ୍‌ତି ପ୍ରକ୍ରିୟାଥି ୨୦ ଟା ଦଲ୍ ପାଏନ୍ ଭିତ୍‌ରେ ଆଉ ୨ ଟା ଦଲ୍ ସ୍ଥଲ୍‌ଭାଗ୍ ନ ଗନ୍‌ତି କର୍‌ବେ । ଗନ୍‌ତି ସମିଆଥି ଚିଲିକା ନ ମତ୍ସ୍ୟଜୀବୀ ଆଉ

ଯାତ୍ରୀବାହୀ ଡଙ୍ଗା ଚଲାଚଲ୍ ବନ୍ଦ୍ ରଖାଯାଇଛେ । ସେନ୍ତା ଡଲ୍ଫିନ୍ ଗନ୍ତି ଲାଗି ୧୮ ଟା ଟିମ୍ ନିୟୋଜିତ ହେବେ ବଲି ଶ୍ରୀ ନାଏକ୍ କହିଛନ୍ ।

ରଗ୍ବୀ ସେଭେନ୍ସ ଚାମ୍ପିଅନ୍ସିପ                ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୧୦ ନମ୍ବର୍ ସବ୍ଜୁନିୟର୍ ରଗ୍ବୀ ସେଭେନ୍ସ ଚାମ୍ପିଅନ୍ସିପ୍ର ପହେଲା ଦିନେ ଗଲାକାଏଲ୍ ଓଡ଼ିଶାର୍ ବାଲିକା ଦଲ୍ ଦମ୍ଦାର୍ ପ୍ରଦର୍ଶନ୍ କରିଛନ୍ । ମହାରାଷ୍ଟ୍ର ଆଉ ବିହାର୍ ସାଙ୍ଗେ ଖେଲିଥିବା ୨ ଟା ମେଚ୍ଥି ଓଡ଼ିଶା ବାଲିକା ଦଲ୍ ବିଜୟୀ ହେଇଛନ୍ । ଘରୋଇ ପଡ଼ିଆ ନ ଦଲ୍ର ଇ ବିଜୟ ଅଭିଯାନ୍ ଖେଲାଲିମାନ୍କର୍ ମନୋବଲକେ ଆହୁରି ବଢ଼େଇଛେ ।